# REGIONAL NEWS UNIT, AIR CUTTACK

## Evening Bulletin (6.45PM)

**23 October – 2025**

*********************************

## ମୁଖ୍ୟ ସମ୍ବାଦ

- ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ୫୧ ହଜାରରୁ ଊର୍ଦ୍ଧ୍ୱ ଯୁବକ/ଯୁବତୀଙ୍କୁ ବାଣ୍ଟିବେ ନିଯୁକ୍ତିପତ୍ର
- ରାଜ୍ୟରେ ୧ ଲକ୍ଷ କୋଟି ଟଙ୍କା ବିନିଯୋଗରେ ଶିଳ୍ପ ପ୍ରତିଷ୍ଠା କରିବ ବେଦାନ୍ତ ଆଲୁମିନିୟମ
- ସ୍ଥାୟୀ ସହରାଞ୍ଚଳ ଭିତ୍ତିଭୂମି ଓ ସ୍ଥାନୀୟ ଶାସନକୁ ସଶକ୍ତ କରିବା ଲକ୍ଷ୍ୟ ନେଇ ଭୁବନେଶ୍ୱରରେ ଆରମ୍ଭ ହେଲା ଓଡ଼ିଶା ସହରାଞ୍ଚଳ ସମ୍ମିଳନୀ

ଏବଂ

- ନୂଆଦିଲ୍ଲୀଠାରେ ଆଜି ଉଦ୍‌ଯାପିତ ହେଲା ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ସମ୍ମିଳନୀ

Desk

# ପ୍ରଧାନମନ୍ତ୍ରୀ ନିଯୁକ୍ତିମେଳା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ୫୧ ହଜାରରୁ ଅଧିକ ନୂଆକରି ଚାକିରି ପାଇଥିବା ଯୁବକ/ଯୁବତୀଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରିବେ। ଡାକ ବିଭାଗ ସହିତ କେନ୍ଦ୍ର ସରକାରଙ୍କ ଭିନ୍ନ ଭିନ୍ନ ବିଭାଗରେ ନୂଆକରି ଚାକିରି ପାଇଥିବା ଯୋଗ୍ୟ ପ୍ରାର୍ଥୀମାନଙ୍କୁ ନିଯୁକ୍ତିପତ୍ର ଦିଆଯିବ। ଆଭାସୀ ଜରିଆରେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟକ୍ରମ ସହିତ ଦେଶର ୪୦ଟି ସ୍ଥାନରେ ନିଯୁକ୍ତିମେଳାର ଆୟୋଜନ କରାଯାଇଛି। ଭୁବନେଶ୍ୱର ରେଳ ଅଡିଟୋରିୟମରେ ନିଯୁକ୍ତିମେଳାରେ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ ଯୋଗଦେବେ।

Desk

# ପ୍ରଧାନମନ୍ତ୍ରୀ ବୁଥ୍‌ସ୍ତରୀୟ ପ୍ରଚାର

'ମେରା ବୁଥ୍ ସବ୍‌ସେ ମଜଭୁତ୍' କାର୍ଯ୍ୟକ୍ରମ ଅଧୀନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦଳୀୟ କର୍ମୀଙ୍କ ସହ ମତ ବିନିମୟ କରିଛନ୍ତି। ଆଭାସୀ ମାଧ୍ୟମରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ' ସରକାରଙ୍କ ଜନକଲ୍ୟାଣକାରୀ ଯୋଜନାଗୁଡ଼ିକ ସମ୍ପର୍କରେ ବୁଥସ୍ତରୀୟ ସଚେତନତା କାର୍ଯ୍ୟକ୍ରମ ଆୟୋଜନ ନେଇ ପରାମର୍ଶ ଦେଇଛନ୍ତି। ଦଳର ଆଭିମୁଖ୍ୟ ସମ୍ପର୍କରେ ଲୋକଙ୍କୁ ଅବଗତ କରାଇବା ପାଇଁ ଶ୍ରୀ ମୋଦୀ ଦଳୀୟ କର୍ମୀଙ୍କୁ ଆହ୍ୱାନ ଦେଇଛନ୍ତି। ଦଳ ଏବଂ ଲୋକଙ୍କ ମଧ୍ୟରେ ସମ୍ପର୍କକୁ ଅଧିକ ସୁଦୃଢ଼

କରିବା ପାଇଁ ଆହୁରି ଅଧିକ ପରିଶ୍ରମ କରିବା ଉପରେ ପ୍ରଧାନମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି।

HS

## ଅଲୁମିନିମୟ ଶିଳ୍ପ ପ୍ରତିଷ୍ଠା

ବେଦାନ୍ତ କମ୍ପାନୀ ପକ୍ଷରୁ ରାଜ୍ୟରେ ବିଭିନ୍ନ ଶିଳ୍ପ ପ୍ରତିଷ୍ଠା ନେଇ ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହ ଆଲୋଚନା ହୋଇଛି। ଭୁବନେଶ୍ୱରସ୍ଥିତ ଲୋକସେବା ଭବନରେ ଶ୍ରୀ ମାଝୀଙ୍କୁ ବେଦାନ୍ତ ମୁଖ୍ୟ ଅନୀଲ ଅଗ୍ରୱାଲ ସାକ୍ଷାତ କରିଛନ୍ତି। ଶ୍ରୀ ଅଗ୍ରୱାଲ' ରାଜ୍ୟରେ ଆଲୁମିନିୟମ ଶିଳ୍ପ ପ୍ରତିଷ୍ଠା ସମ୍ପର୍କିତ ବିଭିନ୍ନ ଦିଗ ଉପରେ ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କ ସହ ମତବିନିୟ କରିଛନ୍ତି।  ବୈଠକ ପରେ ଗଣମାଧ୍ୟମକୁ ସୂଚନା ଦେଇ ଶ୍ରୀ ଅଗ୍ରୱାଲ କହିଛନ୍ତି, ଢେଙ୍କାନାଳରେ ବେଦାନ୍ତ କମ୍ପାନୀ ପକ୍ଷରୁ ୧ ଲକ୍ଷ କୋଟି ଟଙ୍କା ନିବେଶ କରାଯିବ। ଜମି ଅଧିଗ୍ରହଣ ପରେ ୩ରୁ ୪ ମାସ ମଧ୍ୟରେ ଶିଳ୍ପ ପ୍ରତିଷ୍ଠାନର କାର୍ଯ୍ୟ ଆରମ୍ଭ ହେବ ବୋଲି ସେ କହିଛନ୍ତି।  ଶ୍ରୀ ଅଗ୍ରୱାଲ କହିଛନ୍ତି, ଏକ ମାସ ମଧ୍ୟରେ ଶିଳ୍ପ ପ୍ରତିଷ୍ଠା ପାଇଁ ଜମି ପ୍ରଦାନ ନେଇ ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି।

BBSR/R

## ବିଶ୍ୱ ଶକ୍ତି ନେତୃତ୍ୱ ସମ୍ମିଳନୀ

ଭୁବନେଶ୍ୱରରେ ବିଶ୍ୱ ଶକ୍ତି ନେତୃତ୍ୱ ସମ୍ମିଳନୀ ଆସନ୍ତା  ଡିସେମ୍ବର ମାସ ୬ ଓ ୭ ତାରିଖରେ ଅନୁଷ୍ଠିତ ହେବ। ଏହି ପରିପ୍ରେକ୍ଷୀରେ ଆଜି ଉପମୁଖ୍ୟମନ୍ତ୍ରୀ ତଥା ଶକ୍ତିମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଅଧ୍ୟକ୍ଷତାରେ

ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ସମ୍ମିଳନୀ ଭାରତର ଶକ୍ତିକ୍ଷେତ୍ରରେ ନିବେଶ ତଥା ପ୍ରୋତ୍ସାହନ ନିମନ୍ତେ ଏକ ମଞ୍ଚ ପ୍ରଦାନ କରିବା ସହ ପରିବେଶ ଓ ଅର୍ଥନୀତିର ସାମଞ୍ଜସ୍ୟ ରଖି ଉତ୍କୃଷ୍ଟ ଓଡ଼ିଶା ଗଠନ ଦିଗରେ ସହାୟକ ହେବ ବୋଲି ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କହିଛନ୍ତି । ଦୁଇଦିନିଆ ସମ୍ମିଳନୀରେ ବିଭିନ୍ନ ଅଧିବେଶନ ରହିଛି । ଏଥିରେ ରାଜ୍ୟର କଳା, ସଂସ୍କୃତି ଓ ଐତିହ୍ୟର ପ୍ରଦର୍ଶନ କରାଯିବ । ସମ୍ମିଳନୀରେ ସବୁ ରାଜ୍ୟର ଶକ୍ତିମନ୍ତ୍ରୀଙ୍କ ସମେତ ଦେଶ ବିଦେଶର ବହୁ ନେତୃସ୍ତରୀୟ ବ୍ୟକ୍ତିମାନେ ଯୋଗଦେବାର କାର୍ଯ୍ୟସୂଚୀ ରହିଛି ।

BBSR/R

## ଓଡ଼ିଶା ମାନବାଧିକାର କମିଶନ

ଓଡ଼ିଶା ମାନବାଧିକାର କମିଶନ ସମସ୍ତ ବେଞ୍ଚମାନଙ୍କ ଦ୍ୱାରା ଆଭାସୀ ଜରିଆରେ ଶୁଣାଣିଙ୍କୁ ସୂଚାରୁରୂପେ ସମ୍ପାଦନ ନିମନ୍ତେ ପ୍ରକ୍ରିୟା ଆରମ୍ଭ କରିଛନ୍ତି । ପ୍ରକ୍ରିୟାକୁ ଏକୀକୃତ ଏବଂ ସୁବ୍ୟବସ୍ଥିତ କରିବା ପାଇଁ କମିଶନ ନିୟମ ଓ ନିର୍ଦ୍ଦେଶାବଳୀ ଜାରି କରିଛନ୍ତି । ଆସନ୍ତା ୨୭ ତାରିଖ ସୋମବାର ଦିନ ଆଭାସୀ ମାଧ୍ୟମରେ ଶୁଣାଣି କାର୍ଯ୍ୟ କରାଯିବ । ଭର୍ଚୁଆଲ ମୋଡରେ ଉପସ୍ଥିତ ହେବାକୁ ଇଚ୍ଛୁକ ବ୍ୟକ୍ତିଙ୍କ ବିବରଣୀ ପୂର୍ବ ତାରିଖର ଅପରାହ୍ନ ୪ଟା ସୁଦ୍ଧା କମିଶନଙ୍କ ଇ-ମେଲ ଜରିଆରେ ପଠାଇବାକୁ କୁହାଯାଇଛି । ଶୁଣାଣି ଦିନ ପଠାଯାଇଥିବା କୌଣସି ଇମେଲ୍ ଗ୍ରହଣ କରାଯିବ ନାହିଁ ବୋଲି କମିଶନ ସ୍ପଷ୍ଟ କରିଛନ୍ତି । ସମସ୍ତ ପକ୍ଷ ଅଂଶଗ୍ରହଣକାରୀମାନେ ଆଭାସୀ ସମୟରେ ଯଥୋଚିତ ସୌଜନ୍ୟ ଓ ମର୍ଯ୍ୟାଦା ଅନୁସରଣ

କରିବେ। କୌଣସି ବ୍ୟକ୍ତି କିମ୍ବା ସଂସ୍ଥାଙ୍କ ଦ୍ୱାରା ଅନଧିକୃତ ଅଡିଓ ଓ ଭିଡିଓ ରେକର୍ଡିଂ କରାଯିବ ନାହିଁ।

I&PR

## ସାଇବର ସୁରକ୍ଷା ସଚେତନତା

ରାଜ୍ୟରେ ସାଇବର ସୁରକ୍ଷା ସମ୍ପର୍କରେ ଜନସଚେତନତା ବୃଦ୍ଧି ଲକ୍ଷ୍ୟ ନେଇ ଆରମ୍ଭ ହୋଇଥିବା ଓଡ଼ିଶା ସାଇବର ସୁରକ୍ଷା ଅଭିଯାନ-୨୦୨୫ ସଫଳତାର ସହ କାର୍ଯ୍ୟ କରୁଛି। ରାଜ୍ୟ ପୁଲିସ ବିଭାଗ ପକ୍ଷରୁ ଜାରି ଏକ ପ୍ରେସ୍ ବିଜ୍ଞପ୍ତିରେ କୁହାଯାଇଛି ସମସ୍ତ ୩୪ଟି ପୁଲିସ ଜିଲ୍ଲାରେ ଏହା କାର୍ଯ୍ୟକାରୀ ହୋଇଛି। ଏ ପର୍ଯ୍ୟନ୍ତ ୨୭ଟି ଜିଲ୍ଲାରେ ମୋଟ ୨୦୨ଟି ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ପଦଯାତ୍ରା, କର୍ମଶାଳା ଏବଂ ସାଧାରଣ ସଭା ଆଦି ବିଭିନ୍ନ ସଚେତନତା କାର୍ଯ୍ୟକ୍ରମରେ ଏ ପର୍ଯ୍ୟନ୍ତ ୬୩ ହଜାର ୬୯୨ ଜଣ ଅଂଶଗ୍ରହଣ କରିଛନ୍ତି ବୋଲି ଏହି ବିଜ୍ଞପ୍ତିରେ କୁହାଯାଇଛି। ରାୟଗଡ଼ା ଜିଲ୍ଲାରେ ସାଇବର ସଚେତନତା ନେଇ ଏକ ମ୍ୟୁଜିୟମ ପ୍ରତିଷ୍ଠା କରାଯାଇଛି। ଅନୁଗୁଳ ଜିଲ୍ଲାରେ ସଚେତନତା ଅବସରରେ ହଜିଯାଇଥିବା ମୋବାଇଲ ଫୋନ୍ ପ୍ରତ୍ୟାର୍ପଣ ଆୟୋଜନ ମାଧ୍ୟମରେ ୧୦୧ଟି ମୋବାଇଲ ଫୋନ୍‌କୁ ଉଦ୍ଧାର କରାଯାଇ ପ୍ରଦାନ କରାଯାଇଛି। ସଚେତନତା ଅଭିଯାନ ଦ୍ୱାରା ରାଜ୍ୟବାସୀଙ୍କଠାରୁ ମିଳୁଥିବା ମତାମତ ଉତ୍ସାହଜନକ ଏବଂ ସାଇବର ସୁରକ୍ଷା ସଚେତନତା କ୍ଷେତ୍ରରେ ଲୋକଙ୍କ ଆଗ୍ରହକୁ ଏହା ସୂଚାଉଛି ବୋଲି ବିଜ୍ଞପ୍ତିରେ କୁହାଯାଇଛି। ଗତ

୧୮ ତାରିଖରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମଠାରେ ଏହି ଅଭିଯାନର ଶୁଭାରମ୍ଭ କରିଥିଲେ।

BBSR/R

## ସହରାଞ୍ଚଳ ସମ୍ମିଳନୀ ଉଦ୍‌ଘାଟିତ

ସମ୍ପୂର୍ଣ୍ଣ ସ୍ୱଚ୍ଛତା ଏବଂ ପାରଦର୍ଶିତା ସହ ପୌରସଂସ୍ଥାମାନେ ଜନସାଧାରଣଙ୍କୁ ସେବା ଯୋଗାଇଦେବାର ଆବଶ୍ୟକତା ରହିଛି ବୋଲି ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡକ୍ଟର କୃଷ୍ଣ ଚନ୍ଦ୍ର ମହାପାତ୍ର କହିଛନ୍ତି। ଭୁବନେଶ୍ୱରଠାରେ ଦୁଇଦିନିଆ ଓଡ଼ିଶା ସହରାଞ୍ଚଳ ସମ୍ମିଳନୀ-୨୦୨୫କୁ ଉଦ୍‌ଘାଟନ କରି ମନ୍ତ୍ରୀ ଡକ୍ଟର ମହାପାତ୍ର କହିଛନ୍ତି, ସ୍ଥାୟୀ ସହରାଞ୍ଚଳ ଭିତ୍ତିଭୂମି, ଦକ୍ଷତା ସେବା ପ୍ରଦାନ ଏବଂ ଜୀବନ୍ତ ସହରାଞ୍ଚଳ କେନ୍ଦ୍ର ନିର୍ମାଣରେ ସ୍ଥାନୀୟ ଶାସନକୁ ସଶକ୍ତ କରାଯିବା ଗୁରୁତ୍ୱପୂର୍ଣ୍ଣ। ପୌରସଂସ୍ଥାମାନେ ସହରାଞ୍ଚଳର ସ୍ୱଚ୍ଛତା ଉପରେ ପ୍ରାଧାନ୍ୟ ଦେଇ କାର୍ଯ୍ୟ କରିବା ସହ କ୍ଷେତ୍ର ଭ୍ରମଣ କରି ସମସ୍ୟାର ଅନୁଧ୍ୟାନ ଓ ସମାଧାନ ଦିଗରେ ତ୍ୱରିତ ପଦକ୍ଷେପ ଗ୍ରହଣ ନେଇ ଡକ୍ଟର ମହାପାତ୍ର ପରାମର୍ଶ ଦେଇଛନ୍ତି।

**- V/O -**

କାର୍ଯ୍ୟକ୍ରମଟି ରାଜ୍ୟର ସହରଗୁଡ଼ିକୁ ସମାବେଶୀ ଏବଂ ସ୍ଥାୟୀ ସହରାଞ୍ଚଳ ଭବିଷ୍ୟତ ଦିଗରେ ଆଗେଇ ନେବାର ଲକ୍ଷ୍ୟ ଉପରେ ପର୍ଯ୍ୟବେସିତ। ୨୦୩୬ ମସିହା ସୁଦ୍ଧା ବିକଶିତ ଓଡ଼ିଶା ଏବଂ ୨୦୪୭ ମସିହା ସୁଦ୍ଧା ବିକଶିତ ଭାରତର ଦୀର୍ଘକାଳୀନ ବିକାଶ ଲକ୍ଷ୍ୟ ପୂରଣ

ଦିଗରେ ସମ୍ମିଳନୀ ମାଇଲଖୁଣ୍ଟ ସାବ୍ୟସ୍ତ ହେବ। ବିଭାଗୀୟ ପ୍ରମୁଖ ସଚିବ ଉଷା ପାଢ଼ି' ରାଜ୍ୟର ସହରାଞ୍ଚଳ ବିକାଶ ରୂପରେଖ, ନାଗରିକ କୈନ୍ଦ୍ରୀକ ଯୋଜନା ଏବଂ ବୈଷୟିକ ଜ୍ଞାନକୌଶଳ ଉପରେ ଗୁରୁତ୍ୱ କରିଛନ୍ତି। ସହରାଞ୍ଚଳ ସ୍ଥାନୀୟ ସଂସ୍ଥା, ସରକାରୀ ବିଭାଗ, ନୀତିଗତ ଅନୁଷ୍ଠାନ, ସହରାଞ୍ଚଳ ଯୋଜନାକାରୀ, ପ୍ରଯୁକ୍ତି ପ୍ରଦାନକାରୀ ଏବଂ ଆର୍ଥିକ ଅନୁଷ୍ଠାନର ପ୍ରମୁଖ ବ୍ୟକ୍ତିବିଶେଷମାନେ ସମ୍ମିଳନୀରେ ଯୋଗ ଦେଇଛନ୍ତି।

I&PR

## ମୁଖ୍ୟ ନିର୍ବାଚନ ଅଧିକାରୀ ସମ୍ମିଳନୀ

ନୂଆଦିଲ୍ଲୀଠାରେ ଚାଲିଥିବା ଦୁଇଦିନିଆ ମୁଖ୍ୟ ନିର୍ବାଚନ ଅଧିକାରୀ ସମ୍ମିଳନୀ ଆଜି ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମ୍ମିଳନୀରେ ନିର୍ବାଚନ କମିଶନର ଡକ୍ଟର ସୁଖବୀର ସିଂହ ସାନ୍ଧୁ ଏବଂ ଡକ୍ଟର ବିବେକ ଯୋଶୀଙ୍କ ସମେତ ସବୁ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ମୁଖ୍ୟ ନିର୍ବାଚନ ଅଧିକାରୀମାନେ ଯୋଗ ଦେଇଥିଲେ। ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ସ୍ୱତନ୍ତ୍ର ଭୋଟର ତାଲିକା ପ୍ରସ୍ତୁତିକୁ ଚୂଡ଼ାନ୍ତ କରିବାକୁ  ମୁଖ୍ୟ ନିର୍ବାଚନ ଅଧିକାରୀମାନଙ୍କୁ ଆୟୋଗ ନିର୍ଦ୍ଦେଶ ଦେଇଛନ୍ତି। ତାଲିକା ପ୍ରସ୍ତୁତି ନେଇ ମୁଖ୍ୟ ନିର୍ବାଚନ ଅଧିକାରୀମାନଙ୍କୁ ଦିଆଯାଇଥିବା ନିର୍ଦ୍ଦେଶ ଉପରେ ହୋଇଥିବା ଅଗ୍ରଗତିକୁ ଆୟୋଗ ସମୀକ୍ଷା କରିଛନ୍ତି। ସମ୍ମିଳନୀରେ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ– ଏସ୍‌.ଆଇ.ଆର୍‌ ଅନୁସାରେ ମତଦାତାଙ୍କ ସଂଖ୍ୟା, ପୂର୍ବ ଏସ୍‌.ଆଇ.ଆର'ର ଯୋଗ୍ୟତା ତାରିଖ ଏବଂ ରାଜ୍ୟ ଓ

କେନ୍ଦ୍ରଶାସିତ ପ୍ରଦେଶରେ ଭୋଟର ତାଲିକା ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା ।

Nayagarh

## ପରିଷଦ ସମ୍ମିଳନୀ ବୈଠକ

ନୟାଗଡ଼ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ପରିଚାଳନା ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ କାର୍ଯ୍ୟକ୍ରମରେ ଯୋଗଦେଇ ବିଭିନ୍ନ ବିଭାଗର ଜାରି ରହିଥିବା କାର୍ଯ୍ୟର ସମୀକ୍ଷା କରିଛନ୍ତି । ସ୍ୱାସ୍ଥ୍ୟ ବିଭାଗର ବିଭିନ୍ନ କମିଟି ବୈଠକ କରିବା ପାଇଁ ଏକ କ୍ୟାଲେଣ୍ଡର ପ୍ରସ୍ତୁତ କରାଯିବ ବୋଲି ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ସୁଶାନ୍ତ କୁମାର ଦାସ କହିଛନ୍ତି । ସ୍ୱାସ୍ଥ୍ୟ କ୍ୟାଲେଣ୍ଡରର କାର୍ଯ୍ୟ ୧୫ ଦିନ ମଧ୍ୟରେ ଶେଷ ହେବ । ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ପଞ୍ଚାୟତ ଉପକେନ୍ଦ୍ରରେ ଥିବା ଜନଆରୋଗ୍ୟ ସମିତି ବୈଠକ ଏହି କ୍ୟାଲେଣ୍ଡରରେ ଉଲ୍ଲେଖ ରହିବ ବୋଲି ଡାକ୍ତର ଦାସ କହିଛନ୍ତି ।

Nayagarh

## ଶିଶୁ ମହୋତ୍ସବ

ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ବାଇଗୁଣିଆ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମଣ୍ଡଳସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟସ୍ତରରେ ଛାତ୍ରଛାତ୍ରୀଙ୍କ ଅନ୍ତର୍ନିହିତ ସୃଜନଶୀଳ ପ୍ରତିଭାର ବିକାଶ ପାଇଁ ସରକାରଙ୍କ ପକ୍ଷରୁ ଏହି ପ୍ରତିଯୋଗିତାର

ଆୟୋଜନ କରାଯାଉଛି। ବରିଷ୍ଠ ଏବଂ କନିଷ୍ଠ ବିଭାଗରେ ବ୍ଲକର ୧୦ଟି କ୍ଲଷ୍ଟରରୁ ଶତାଧିକ ଛାତ୍ରଛାତ୍ରୀ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ ମୁଖ୍ୟ ଅତିଥିଭାବେ ଯୋଗଦେଇ କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରିଥିଲେ।

Nayagarh

## ଚେସ୍ ଟୁର୍ଣ୍ଣାମେଣ୍ଟ

ନୟାଗଡ଼ ଜିଲ୍ଲା ଓପନ୍ ଚେସ୍ ଟୁର୍ଣ୍ଣାମେଣ୍ଟ ଆଜି ଉଦ୍‌ଯାପିତ ହୋଇଯାଇଛି। କନିଷ୍ଠ ବିଭାଗରେ ସ୍ୱୟଂପ୍ରକାଶ ସାହୁ ଏବଂ ବରିଷ୍ଠ ବିଭାଗରେ ଜିତେନ୍ଦ୍ର କୁମାର ଦାସ ଚାମ୍ପିଅନ ହୋଇଛନ୍ତି। ଦୁଇଦିନିଆ ଟୁର୍ଣ୍ଣାମେଣ୍ଟରେ ମୋଟ୍ ୬ ରାଉଣ୍ଡ ପ୍ରତିଯୋଗିତା ହୋଇଥିଲା। କନିଷ୍ଠ ବିଭାଗରେ ଅଂଶଗ୍ରହଣ କରିଥିବା ୩୮ ଜଣ ପ୍ରତିଯୋଗୀଙ୍କ ମଧ୍ୟରୁ ୫ ଜଣ ଏବଂ ବରିଷ୍ଠ ବିଭାଗରେ ଅଂଶଗ୍ରହଣ କରିଥିବା ୨୨ ଜଣଙ୍କ ମଧ୍ୟରୁ ୫ ଜଣ ସର୍ବାଧିକ ପଏଣ୍ଟ ହାସଲ କରି ପୁରସ୍କୃତ ହୋଇଛନ୍ତି। ରାଜ୍ୟ ଚେସ୍ ଆସୋସିଏସନ୍‌ର ସମ୍ପାଦକ ମୁଖ୍ୟ ଅତିଥି ଭାବେ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

MET

## ପାଣିପାଗ

ଦକ୍ଷିଣ-ପୂର୍ବ ବଙ୍ଗୋପସାଗର ଏବଂ ସଂଲଗ୍ନ ଦକ୍ଷିଣ ଆଣ୍ଡାମାନ ସାଗରରେ ଘୂର୍ଣ୍ଣିବଳୟ ସକ୍ରିୟ ରହିଛି। ଏହାର ପ୍ରଭାବରେ ଆସନ୍ତାକାଲି ସୁଦ୍ଧା ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି। ଆସନ୍ତା ୨୪

ଘଣ୍ଟା ମଧ୍ୟରେ ବଜ୍ରପାତ ସହ ବର୍ଷା ହେବା ନେଇ ୧୧ଟି ଜିଲ୍ଲାକୁ ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି ।